# ଆଜି ବି ଅନ୍ଧାରରେ ଖରକା, ମିନାଖୁଣ୍ଟି ଗ୍ରାମ

- ବିଦ୍ୟୁତ୍ ସେବାରୁ ବଞ୍ଚିତ କାଶୀପୁର ବ୍ଲକର ୨ ଗ୍ରାମ
- ଟ୍ରାନ୍ସଫର୍ମର ବସିଛି, ସଂଯୋଗ ହୋଇନି ବିଦ୍ୟୁତ୍ ସେବା

ରାୟଗଡ଼ା,୪ ।୩(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିବା ଖରକା ଗ୍ରାମବାସୀ ।

ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଅନ୍ଧାରରେ ରହିଛି ରାୟଗଡ଼ା ଜିଲାର ବହୁ ଗ୍ରାମ । କାଶୀପୁର ବ୍ଲକ ଅନ୍ତର୍ଗତ ସିରିପାଇ ପଞ୍ଚାୟତର ଖରକା ଓ ମିନାଖୁଣ୍ଟି ଗ୍ରାମବାସୀ ଆଜି ବି ଅନ୍ଧାରରେ ଜୀବନ ଅତିବାହିତ କରୁଛନ୍ତି। ଗ୍ରାମରେ ଟ୍ରାନ୍ସଫର୍ମର ଲାଗିଛି। ହେଲେ ଗାଁରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। କିନ୍ତୁ ଉକ୍ତ ଗାଁ ଅତିକ୍ରମ କରି ଅନ୍ୟ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଛି। ଖରକା ଓ ମିନାଖୁଣ୍ଟି ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଭେଟି ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଜିଲାପାଳ ମନୋଜ ମହାଜନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଖରକା ଓ ମିନାଖୁଣ୍ଟି ଗ୍ରାମରେ ଦୀର୍ଘ ଦିନରୁ ବିଦ୍ୟୁତ୍ ସେବା ପାଇଁ ସମସ୍ତ ବ୍ୟବସ୍ଥା ରହିଥିଲେ ମଧ୍ୟ ଏଯାବତ୍ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ । ଖରକା ଗ୍ରାମରେ ୧୦ ପରିବାର ବସବାସ କରୁଛନ୍ତି । ସନ୍ଧ୍ୟା ଗଡ଼ିଗଲେ ଅନ୍ଧାର ଯୋଗୁ ଲୋକେ ପଦାକୁ ବାହାରିପାରୁ ନ ଥିବା ଗ୍ରାମବାସୀ କହିଛନ୍ତି । ସେହିଭଳି ମିନାଖୁଣ୍ଟି ଗ୍ରାମର ତଳସାହି ଓ ଉପରସାହିରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଅନ୍ଧାର ଯୋଗୁ ପିଲାଙ୍କ ପାଠପଢ଼ାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗକୁ ଜଣାଇ ନୟାନ୍ତ ହେଲେ ମଧ୍ୟ ଗାଁକୁ ବିଦ୍ୟୁତ୍ ସେବା ସଂଯୋଗ ହୋଇପାରିନାହିଁ । ଜିଲାପାଳଙ୍କୁ ଅଭିଯୋଗ କରିବା ସମୟରେ ଖରକା ଗ୍ରାମର ଛବି ଗୌଡ଼, କମେ ମାଝି, ଜଗି ମାଝି ଏବଂ ମିନାଖୁଣ୍ଟି ଗ୍ରାମର ବର୍ଷା ମାଝି, ଶ୍ରୀୟା ମାଝି, ଆଲାଇ ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଯଦି ଗାଁକୁ ବିଦ୍ୟୁତ୍ ସଂଯୋଗ ନ କରାଯାଏ, ତେବେ ଆଗାମୀ ନିର୍ବାଚନରେ ଉକ୍ତ ୨ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

# ବେଆଇନ ବିଦ୍ୟୁତ୍ ସଂଯୋଗ, ଇଣ୍ଟରନାଲ ଭିଜିଲାନ୍ସ ଟିମ୍‌ର ଚଢ଼ାଉ

ବିଷମକଟକ,୪।୩ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମକଟକ ବ୍ଲକ୍‌ରେ ଅନେକ ବ୍ୟବସାୟିକ ଅନୁଷ୍ଠାନ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇ ବର୍ଷ ବର୍ଷ ଧରି ବିଦ୍ୟୁତ୍ ଚୋରି କରୁଥିଲେ। କୌଣସି ସୂତ୍ରରୁ ବିଦ୍ୟୁତ ବିଭାଗ ଇଣ୍ଟରନାଲ ଭିଜିଲାନ୍ସ ଟିମ୍ ଖବରପାଇ ବିଷମକଟକ ସଦର ବ୍ଲକର ଡେଡ଼ିପଡା, ବରଡ଼ାଗୁଡା ଏବଂ ଚାଟିକଣାଠାରେ ଗତ ୨ ତାରିଖରେ ପୃଥକ ଭାବେ ଚଢ଼ାଉ କରିଛି। ଡେଡ଼ିପଡା ଓ ବରଡ଼ାଗୁଡାଠାରେ ଏକ ଘରୋଇ ପାନୀୟ ଜଳ ପ୍ରକଳ୍ପ ଓ ଚାଟିକଣାଠାରେ ଜଣେ ପରିବା ଚାଷୀ ବେଆଇନ ବିଦ୍ୟୁତ ବ୍ୟବହାର କରୁଥିବାବେଳେ ଭିଜିଲାନ୍ସ ଟିମ ଚଢ଼ାଉ କରିଥିଲେ।

ଡେଡିପଡ଼ାରେ ମେଗା ପ୍ରକଳ୍ପ ନାମକ ଏକ ଘରୋଇ ପାନୀୟ ଜଳ ଯୋଗାଣ ସଂସ୍ଥା ବିଷମକଟକ ସଦର ବ୍ଲକଠାରେ ଦୀର୍ଘ ୩ବର୍ଷରୁ ଅଧିକ ସମୟ ହେବ ବେଆଇନ ଭାବେ ବିଦ୍ୟୁତ ବ୍ୟବହାର କରୁଥିବା ସମ୍ପର୍କରେ କିଭଳି ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀ ଅବଗତ ନ ଥିଲେ ସେ ନେଇ ପ୍ରଶ୍ନ ଉଠିଛି। ଗତ ୨ ତାରିଖରେ ଏହି ରେଡ ହୋଇଥିଲେ ସୁଦ୍ଧା ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଘରୋଇ ପାନୀୟ ଜଳ ଯୋଗାଣ ସଂସ୍ଥା ଉପରେ ରେଡ ସମୟରେ ବିନା ମିଟର ଓ ବିଦ୍ୟୁତ୍ ଚୋରି ଅଭିଯୋଗରେ ଭାରତୀୟ ବିଦ୍ୟୁତ ଧାରା ୨୦୦୩ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ସୂଚନା ମିଳିଛି। ତେବେ ଉକ୍ତ ସଂସ୍ଥା ଉପରେ କୌଣସି ଆର୍ଥିକ ଦଣ୍ଡ ନ ଲଦିବା ପାଇଁ ଯନ୍ତ୍ରୀ ଜଣକ ଭିଜିଲାନ୍ସ ଟିମ ଉପରେ ଚାପ ପକାଇଥିବା ଉକ୍ତ ବିଭାଗ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି । ଏ ନେଇ ବିଷମକଟକ ଏସଡ଼ିଓ ସିଲାଭୀତ ଏବଂ ଯନ୍ତ୍ରୀ ନିରଞ୍ଜନ ବେଉରାଙ୍କ ସହ ଯୋଗାଯୋଗ କରିବାରୁ ଡେଡିପଡ଼ାରେ ମେଗା ପ୍ରକଳ୍ପର ବିଦ୍ୟୁତ୍ ସଂଯାଗ ଅବଧି ଫେବ୍ରୁଆରୀ ୯ରୁ ଶେଷ ହୋଇଥିବା ଉକ୍ତ ସଂସ୍ଥାକୁ ଅବଗତ କରାଯାଇଥିଲା । କିନ୍ତୁ ସେମାନେ କାର୍ଯ୍ୟାଳୟକୁ ଆସି ରିନ୍ୟୁ କରିନାହାନ୍ତି।

## ସଂକ୍ଷେପରେ

### ଚୋରି ମାମଲାରେ ୨ ଗିରଫ



ଜୟପୁର, ୪।୩ (ପବନ ପାଣିଗ୍ରାହୀ)

ଏକ ଚୋରି ମାମଲାରେ ଜୟପୁର ଟାଉନଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଠାଣ ସାହିର ଏମଡି ଫେଜଲ ଏବଂ ଚୋରି ସୁନା କ୍ରୟ କରିଥିବା ଏଲ. ରବି। ମେଘମାଳ ତୋଟାରେ ରହୁଥିବା ରଶ୍ମିତା ରଥଙ୍କ ଘରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତାଙ୍କ ଘରୁ ସୁନାଗହଣା, ୨ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ କରି ତଦନ୍ତରୁ ଫେଜଲ ଓ ରବିଙ୍କ ସମ୍ପୃକ୍ତି ଥିବା ଜାଣି ଉଭୟଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି। ଅଭିଯୁକ୍ତଙ୍କଠାରୁ ୫ ହଜାର ଟଙ୍କା ଜବତ ହୋଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ମାଲକାନଗିରି,୪।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ତାରିଣୀ ମନ୍ଦିର ଦେଇ ଯାଇଥିବା ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରତର ହୋଇଥିବା ବେଳେ ଜଣେ ଅଟୋ ଚାଳକ ଆହତ ହୋଇଛନ୍ତି। ଆଶୀର୍ବାଦ କଲୋନୀର ବୁଦ୍ଧୁରା ନାମକ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅପର ପକ୍ଷରୁ ଆସୁଥିବା ଏକ ଅଟୋରେ ପିଟି ହୋଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ମାଲକାନଗିରି ପୋଲିସ ସ୍ଥାନୀୟ ଲୋକଙ୍କ ସହଯତାରେ ବୁଦ୍ଧୁରା ଓ ଅଟୋ ଚାଳକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବୁଦ୍ଧୁରାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ଟ୍ରେନ ସମୟ ପରିବର୍ତ୍ତନ ଦାବି

ବ୍ରହ୍ମପୁର,୪।୩ (ସ୍ମୃତି ରଞ୍ଜନ ମହାଲିକ)

ବିଶାଖାପାଟଣାବ୍ରହ୍ମପୁର ପାସେଞ୍ଜର ଟ୍ରେନ ବ୍ରହ୍ମପୁର ରେଲୱେ ଷ୍ଟେସନରୁ ଛାଡିବା ସମୟରେ ପରିବର୍ତ୍ତନ ପାଇଁ ସଂସ୍କାରବାଦୀ ସଂଗଠନ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଏକ ଦାବି ପତ୍ର ସୋମବାର ଷ୍ଟେସନ ଅଧୀକ୍ଷକ ଶିବରାମ ଜାନିଙ୍କୁ ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ଯେ, ଉକ୍ତ ପାସେଞ୍ଜର ବ୍ରହ୍ମପୁର ଷ୍ଟେସନରେ ରାତ୍ରି ୧୧ଟା ୧୦ରେ ପହଞ୍ଚିଥିବା ବେଳେ ଭୋର ୩ଟା ୫୦ରେ ଛାଡିବା ନେଇ ସମୟ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଏହି ସମୟରେ ଜିଲାର ବିଭିନ୍ନ ଅଂଚଳରୁ ଯାତ୍ରୀଙ୍କୁ ଆସିବା କଷ୍ଟକର ହେଉଛି। ଏଣୁ ଯାତ୍ରୀଙ୍କ ସୁରକ୍ଷା ଓ ସୁଗମ ଯାତ୍ରା ପାଇଁ ପାସେଞ୍ଜର ଟ୍ରେନର ସମୟ ଭୋର ୫ଟା ୨୦ ନିର୍ଦ୍ଧାରଣ ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ତ୍ରିନାଥ ମହାରଣା, ଅଶୋକ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୬୭ ମାମଲା ଶୁଣିଲେ ଜିଲାପାଳ



ଜିଲାପାଳ ମନୋଜ ମହାଜନଙ୍କ ସହ ଅଭିଯୋଗକାରୀ ଆଲୋଚନା କରୁଛନ୍ତି।

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
- ପ୍ରଥମେ ବିଭାଗୀୟ ଅଧିକାରୀ ଅଭିଯୋଗ ଶୁଣିବେ, ଜିଲାପାଳ ସମାଧାନ କରିବେ

ରାୟଗଡ଼ା,୪ ।୩(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ୬୭ଟି ଅଭିଯୋଗ ଶୁଣାଣି କରି ସମାଧାନ କରାଯାଇଛି । ଏଥିରେ ଏସ୍‌ପି ହରିଶା ବି.ସି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ। ମୋଟ ୬୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୧୯ ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା। ଜିଲାପାଳ ୨ଜଣଙ୍କୁ ୧୫ ହଜାର ଲେଖାଏଁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଏବଂ ୨ ଜଣକୁ ୧୫ ହଜାର ଟଙ୍କା ଲେଖାଏଁ ରେଡ଼କ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅପରପକ୍ଷରେ ଅଭିଯୋଗ ଶୁଣାଣି ଶିବିରର ପୁରାତନ ଢ଼ାଞ୍ଚା ପରିବର୍ତ୍ତନ କରାଯାଇଛି । ପ୍ରଥମେ ଅଭିଯୋଗ ଆସିଥିବା ବିଭାଗର ଅଧିକାରୀ ଲୋକଙ୍କ ସହ ଆଲୋଚନା କରିବା ପରେ ଜିଲାପାଳଙ୍କ ନିକଟକୁ ଆସି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ହୋଇଛି। ଫଳରେ ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ ହୋଇପାରିବ। ଅଭିଯୋଗ ଶୁଣାଣିର ଏହି ନୂତନ କାର୍ଯ୍ୟ ପ୍ରଣାଳୀକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ବିଧାୟକଙ୍କ ମାରାଥନ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ

ଛତ୍ରପୁର,୪।୩(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତରେ ସୋମବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ ଓ ନିର୍ମାଣ ନିମନ୍ତେ ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ରୁକ୍ମଣୀଗାଁ ଗୋପୀନାଥ ସ୍ୱାମୀ ମନ୍ଦିରର ମରାମତି ଓ ଉନ୍ନତୀକରଣ ନିମନ୍ତେ ଭିତ୍ତି ସ୍ଥାପନ କରାଯାଇଥିଲା। ପରେ ବଉଳଗାଁ ଛକ ନିକଟ ତ୍ରିନାଥ ମନ୍ଦିର ରୂପାନ୍ତରୀକରଣ ନିମନ୍ତେ ଭିତ୍ତି ସ୍ଥାପନ କରାଯାଇଛି। ସେହିପରି ବଉଳଗାଁ କଲ୍ୟାଣଶ୍ୱର ଯୁବକେନ୍ଦ୍ର ଓ ତେରସ୍ଥାନ ତାଲୁକା କୈବର୍ତ୍ତ କୂଳଗୃହ ନିମନ୍ତେ ମଧ୍ୟ ବିଧାୟକ ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଶରତ ପାଢ଼ୀ, ପୂର୍ବତନ ସୁରେନ୍ଦ୍ର ସେଠୀ, ସରୋଜିନୀ ମହାରଣା, ମାଳିକ ମହାରଣା, ରବୀନ୍ଦ୍ର ଦାସ, ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ବଉଳଗାଁ ପଞ୍ଚାୟତର ବହୁ ଭଦ୍ରବ୍ୟକ୍ତି ଓ ମିଶନ ଶକ୍ତିର ସଭ୍ୟାମାନେ ଉପସ୍ଥିତ ଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କର୍ମଶାଳା



ଛାତ୍ରମାନଙ୍କୁ ଅତିଥି ମାର୍ଗଦର୍ଶନ କରୁଛନ୍ତି।

ଗୁଣପୁର, ୪।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସୋମବାର ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଏଆଇସିଟିଇ ଏବଂ ଅମୃତ କାଳ ବିମର୍ଶ ବିକଶିତ ଭାରତ @୨୦୪୭ର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଆମେରିକାସ୍ଥିତ ନ୍ୟାଶନାଲ ୟୁନିଭର୍ସିଟି ସାନ ଦିଇଗୋର ପ୍ରଫେସର, ଏକ୍ସିଲେନ୍ସର ସଭାପତି ତଥା ସିଇଓ ଡ. ଏସ୍. ଆର .ସୁବ୍ରମଣ୍ୟମ ଯୋଗଦେଇ ଯୁକ୍ତିଯୁକ୍ତ ଚିନ୍ତା ଏବଂ ସମସ୍ୟା ସମାଧାନ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏହି କର୍ମଶାଳା ଦ୍ୱାରା ଛାତ୍ରୀଛାତ୍ର ନିଜ ନିଜର ସମସ୍ୟା ସମାଧାନ କରିବା ଦିଗରେ ସହାୟକ ହେବ ବୋଲି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ଏନ୍.ଭି .ଜଗନ୍ନାଧା ରାଓ କହିଛନ୍ତି ।

# ଜାତୀୟ ନିରାପତ୍ତା ସପ୍ତାହ ପାଳିତ

ଜେକେପୁର,୪।୩ (ନିଧି ଗାଣ୍ଡେଚା)




ଜାତୀୟ ନିରାପତ୍ତା ସପ୍ତାହ କାର୍ଯ୍ୟକ୍ରମରେ ଉପସ୍ଥିତ ଜେକେ କାଗଜକଳ ଅଧିକାରୀମାନେ ।

ଜେକେ କାଗଜକଳ ପରିସରରେ ୫୩ ତମ ଜାତୀୟ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି।ଫ୍ୟାକ୍ଟ୍ରି ଏବଂ କାରଖାନାର ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ବେଉରା ଜାତୀୟ ସୁରକ୍ଷା ପତାକା ଉତ୍ତୋଳନ କରି ଏହି ଉତ୍ସବକୁ ଉଦ୍‌ଘଟାନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ବରିଷ୍ଠ ମହାପ୍ରବନ୍ଧକ ଏମ. ଆର.କେ ରୟ, ଜି ସି ପଟ୍ଟନାୟକ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଦୁର୍ଘଟଣା ଓ ପରିବେଶର ସୁରକ୍ଷା ପାଇଁ ଯଥାସମ୍ଭବ କାର୍ଯ୍ୟ କରିବାକୁ କର୍ମଚାରୀମାନେ ସୁରକ୍ଷା ପ୍ରତିଶ୍ରୁତି ଅନୁସରଣ କରିଥିଲେ। ଆସନ୍ତା ୧୨ ତାରିଖରେ ମୂଲ୍ୟବୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କାରଖାନା ତରଫରୁ ସୂଚନା ମିଳିଛି। ଜେକେ କାଗଜକଳ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଗୃହିଣୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବଢେଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କାରଖାନା ତରଫରୁ କୁହାଯାଇଛି।

# ଲାଇଫ୍ ଲାଇନ୍ ସମବାୟ ସମିତି ଜମାକାରୀ ଉପନିବନ୍ଧକଙ୍କ ଦ୍ୱାରସ୍ଥ

ଜୟପୁର, ୪।୩ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ଥିବା ଲାଇଫ ଲାଇନ ସମବାୟ ସମିତିରେ ଟଙ୍କା ଜମା କରିଥିବା ଜମାକାରୀମାନେ ସୋମବାର ସମବାୟ ବିଭାଗ ଉପ ନିବନ୍ଧକଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଜମାକାରୀମାନେ ଛୋଟ ଛୋଟ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଉକ୍ତ ସମବାୟ ସମିତିରେ ପ୍ରତ୍ୟେହ ଶହେ, ୨ ଶହ ଲେଖାଏ ଟଙ୍କା ଜମା କରୁଥିଲେ । ଟଙ୍କା ଜମା କରି ଅବଧି ଶେଷ ହୋଇଥିଲୁ ମଧ୍ୟ ସେମାନଙ୍କୁ ଟଙ୍କା ମିଳୁନାହିଁ। ଏନେଇ ଗତ ଜାନୁୟାରୀ ୩୦ରେ ଜମାକାରୀମାନେ ଜୟପୁର ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଦାବିପତ୍ର ଗ୍ରହଣ କରି ଉପ ଜିଲାପାଳ ୫ଦିନ ମଧ୍ୟରେ ତଦନ୍ତ କରି ଜୟପୁର ସମବାୟ ନିବନ୍ଧକଙ୍କୁ ଚିଠି କରି ଜମାକାରୀ ଯେପରି ଟଙ୍କା ଫେରିପାଇବେ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜୟପୁର ଡିଆରସିଏସ କାର୍ଯ୍ୟାଳୟ ଏହାର ତୁରନ୍ତ ସମାଧାନ କରିବା ପରିବର୍ତ୍ତେ ବିଳମ୍ବ କରୁଛି ବୋଲି ଜମାକାରୀ ଅଭିଯୋଗ କରିଛନ୍ତ। ଜମାକାରୀଙ୍କ ୬୫ ଲକ୍ଷ ଟଙ୍କା ବାକି ପଡିଥିବା ବେଳେ ଲାଇଫ ଲାଇନ ସମବାୟ ସମିତି ଏହା ଦେଉ ନ ଥିବାରୁ ଜମାକାରୀ ହତାଶ ହୋଇ ପଡିଛନ୍ତି।

# ମୌଳିକ ସୁବିଧା ନ ମିଳିଲେ ଭୋଟ ବର୍ଜନ

ରାୟଗଡ଼ା,୪।୩(ଆଶିଷ ରଞ୍ଜନ ପଣ୍ଡା)

- ବିକାଶଠୁ ବହୁ ଦୂରରେ ବରିଭଙ୍ଗା ଗାଁ
- ପକ୍କା ରାସ୍ତା ନାହିଁ, ବିଦ୍ୟୁତ୍ ସେବା ଅପହଞ୍ଚ

ଗ୍ରାମକୁ ରାସ୍ତା ନାହିଁ । ରାସ୍ତା ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ । ସେହିପରି ବିଦ୍ୟୁତ ସେବା ମଧ୍ୟ ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି । ଗାଁକୁ ବିଦ୍ୟୁତ୍ ସେବା ନ ଥିବାରୁ ପିଲାଙ୍କ ପାଠ ପଢ଼ାରେ କ୍ଷତି ହେବା ସହିତ ଅନ୍ୟାନ୍ୟ ସମସ୍ୟା ଲାଗି ରହୁଛି । ତେଣୁ ଗାଁକୁ ପକ୍କା ରାସ୍ତା ଏବଂ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସୋମବାର ରାୟଗଡ଼ା ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତର ବରିଭଙ୍ଗା ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ମନୋଜ ସତ୍ୟୱାନ ମହାଜନ। ସମସ୍ୟାର ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତ ଅନ୍ତର୍ଗତ ଖରଜଡ଼ା ଗ୍ରାମଠାରୁ ବରିଭଙ୍ଗା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନାହିଁ, କି ଗାଁରେ ବିଦ୍ୟୁତ ସେବା ମଧ୍ୟ ପହଞ୍ଚିପାରିନାହିଁ । ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ। ଫଳରେ ଜରୁରୀକାଳିନ ପରିସ୍ଥିତିରେ ରୋଗୀ ଏବଂ ଗର୍ଭବତୀଙ୍କୁ ଭାରରେ ବୋହିକରି କଲ୍ୟାଣସିଂହପୁର ମେଡ଼ିକାଲକୁ ନେବାକୁ ପଡୁଛି। ସେହିଭଳି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ବନ୍ୟଜନ୍ତୁଙ୍କ ଭୟରେ ସନ୍ଧ୍ୟା ହୋଇଗଲେ ତାଟି କବାଟ ପଡ଼ିଯାଉଛି। ପିଲାମାନେ ପାଠ ପଢ଼ିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖରଜଡ଼ା ଗ୍ରାମଠାରୁ ବରିଭଙ୍ଗା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ସହିତ ବିଦ୍ୟୁତ୍ ସେବା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବରିଭଙ୍ଗା ଗ୍ରାମବାସୀ।

# ଗୁଣିଗାରେଡ଼ି ସନ୍ଦେହରେ ମାଡ଼ ମାରି ଗାଁରୁ ବିଦା କଲେ

- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ଚାନ୍ଦିଲି ପୋଲିସ
- ଜିଲାପାଳଙ୍କ ଦ୍ୱାରସ୍ଥ ପରିବାର ଲୋକେ

ରାୟଗଡ଼ା,୪ ।୩(ଆଶିଷ ରଞ୍ଜନ ପଣ୍ଡା)



ଅଭିଯୋଗ ପାଇଁ ଆସିଥିବା ପରିବାରବର୍ଗ।

ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମବାସୀ ମାଡ଼ମାରି ଏକ ପରିବାରକୁ ଗାଁରୁ ବିତାଡ଼ିତ କରିଦେଇଛନ୍ତି । ଏ ନେଇ ପରିବାର ଲୋକେ ଚାନ୍ଦିଲି ଥାନାରେ ଅଭିଯୋଗ କରିବାର ମାସେ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଶେଷରେ ବାଧ୍ୟ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କୋଲନରା ବ୍ଲକ ସଦର ମହକୁମା ପଞ୍ଚାୟତ ଅନ୍ତର୍ଗତ ନନ୍ଦବାଡ଼ି ଗ୍ରାମର ଜିଆନା ପୁଲାକା ଓ ଗୌରି ମାଣ୍ଡାଙ୍ଗିଙ୍କ ପରିବାର। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ୨ ପରିବାର ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ କରି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଏସ୍‌ପି ହରିଶା ବିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ନନ୍ଦବାଡ଼ି ଗ୍ରାମରେ ତ୍ରିମ୍ଧା ମେଲେକାଙ୍କ ପୁଅର କୌଣସି କାରଣରୁ ଗତ ଫେବୃଆରୀରେ ମୃତ୍ୟୁ ହୋଇଥିଲା । ଏ ନେଇ ତ୍ରିମ୍ଧା ଓ ଗ୍ରାମବାସୀ ଜିଆନା ପୁଲାକା ଓ ତାଙ୍କ ପରିବାରବର୍ଗଙ୍କୁ ଗୁଣିଗାରେଡ଼ି କରୁଥିବା ନେଇ ଦାୟୀ କରି ମାଡ଼ ମାରିବା ସହ ଜିଆନାଙ୍କ ଭାଣିଜି ଗୌରୀ ମାଣ୍ଡାଙ୍ଗି ଓ ତାଙ୍କ ପରିବାରକୁ ମଧ୍ୟ ମାଡ଼ ମାରିଥିଲେ । ଜିଆନା ଚାନ୍ଦିଲି ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଅମଲାଭଟାସ୍ଥିତ ଜିଆନାଙ୍କ ଭାଇ ଘରେ ଛାଡ଼ିଥିଲା । ଏହାପରେ ଗ୍ରାମବାସୀ ଜିଆନା ଓ ତାଙ୍କ ପରିବାରବର୍ଗଙ୍କୁ ଗାଁରେ ପୂରାଇ ଦେଉନାହାନ୍ତି । ଏଭଳିକି ଜମିରେ ଚାଷ କରି ଉପାର୍ଜନ କରିଥିବା ମାଣ୍ଡିଆ, ଧାନ ସମେତ ଘରର ସମସ୍ତ ସାମଗ୍ରୀ ଗ୍ରାମବାସୀ ଚୋରି କରି ନେଇଥିବା ଜିଆନା କହିଛନ୍ତି। ଫଳରେ ସେମାନେ ନିଜ ଜମିରେ ଚାଷ ମଧ୍ୟ କରିପାରୁନାହାଁନ୍ତି । ଏ ନେଇ ଜିଆନା ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଜିଆନା ଓ ଗୌରୀଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି । ଶେଷରେ ନିରାଶ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜିଆନା କହିଛନ୍ତି।

## ସଂକ୍ଷେପରେ

### ଚୋରି ମାମଲାରେ ୨ ଗିରଫ



ଜୟପୁର, ୪ା୩ (ପବନ ପାଣିଗ୍ରାହୀ)

ଏକ ଚୋରି ମାମଲାରେ ଜୟପୁର ଟାଉନଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଠାଣ ସାହିର ଏମଡି ଫେଜଲା ଏବଂ ଚୋରି ସୁନା କ୍ରୟ କରିଥିବା ଏଲ. ରବି। ମେଘମାଳ ତୋଟାରେ ରହୁଥିବା ରଶ୍ମିତା ରଥଙ୍କ ଘରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତାଙ୍କ ଘରୁ ସୁନାଗହଣା, ୨ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ କରି ତଦନ୍ତରୁ ଫେଜଲ ଓ ରବିଙ୍କ ସମ୍ପୃକ୍ତି ଥିବା ଜାଣି ଉଭୟଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି। ଅଭିଯୁକ୍ତଙ୍କଠାରୁ ୫ ହଜାର ଟଙ୍କା ଜବତ ହୋଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ମାଲକାନଗିରି, ୪ା୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ତାରିଣୀ ମନ୍ଦିର ଦେଇ ଯାଇଥିବା ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରତର ହୋଇଥିବା ବେଳେ ଜଣେ ଅଟୋ ଚାଳକ ଆହତ ହୋଇଛନ୍ତି। ଆଶୀର୍ବାଦ କଲୋନୀର ବୁଦୁରା ନାମକ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅପର ପକ୍ଷରୁ ଆସୁଥିବା ଏକ ଅଟୋରେ ପିଟି ହୋଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ମାଲକାନଗିରି ପୋଲିସ ସ୍ଥାନୀୟ ଲୋକଙ୍କ ସହଯତାରେ ବୁଦୁରା ଓ ଅଟୋ ଚାଳକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବୁଦୁରାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ଟ୍ରେନ ସମୟ ପରିବର୍ତ୍ତନ ଦାବି

ବ୍ରହ୍ମପୁର, ୪ା୩ (ସ୍ମୃତି ରଞ୍ଜନ ମହାଲିକ)

ବିଶାଖାପାଟଣାବ୍ରହ୍ମପୁର ପାସେଞ୍ଜର ଟ୍ରେନ ବ୍ରହ୍ମପୁର ରେଲୱେ ଷ୍ଟେସନରୁ ଛାଡିବା ସମୟରେ ପରିବର୍ତ୍ତନ ପାଇଁ ସଂସ୍କାରବାଦୀ ସଂଗଠନ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଏକ ଦାବି ପତ୍ର ସୋମବାର ଷ୍ଟେସନ ଅଧୀକ୍ଷକ ଶିବରାମ ଜାନିଙ୍କୁ ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ଯେ, ଉକ୍ତ ପାସେଞ୍ଜର ବ୍ରହ୍ମପୁର ଷ୍ଟେସନରେ ରାତ୍ରି ୧୧ଟା ୧୦ରେ ପହଞ୍ଚିଥିବା ବେଳେ ଭୋର ୩ଟା ୫୦ରେ ଛାଡିବା ନେଇ ସମୟ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଏହି ସମୟରେ ଜିଲାର ବିଭିନ୍ନ ଅଂଚଳରୁ ଯାତ୍ରୀଙ୍କୁ ଆସିବା କଷ୍ଟକର ହେଉଛି। ଏଣୁ ଯାତ୍ରୀଙ୍କ ସୁରକ୍ଷା ଓ ସୁଗମ ଯାତ୍ରା ପାଇଁ ପାସେଞ୍ଜର ଟ୍ରେନର ସମୟ ଭୋର ୫ଟା ୨୦ ନିର୍ଦ୍ଧାରଣ ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ତ୍ରିନାଥ ମହାରଣା, ଅଶୋକ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୋରା ସମ୍ପ୍ରଦାୟକୁ ମିଳିଲା ଆଦିବାସୀ ପ୍ରମାଣପତ୍ର

ପଟ୍ଟାଙ୍ଗି, ୪ା୩(ଶରତ ଧଳ)

କୋରାପୁଟ ଜିଲାରେ ବସବାସ କରୁଥିବା ଦୋରା ସମ୍ପ୍ରଦାୟ ଦୀର୍ଘ ଦଶନ୍ଧିରୁ ଆଦିବାସୀ ମାନ୍ୟତା ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଥିଲେ। ଏହି ସମ୍ପ୍ରଦାୟକୁ ଭାରତ ସରକାର ଆଦିବାସୀ ଭାବେ ମାନ୍ୟତା ଦେଇଥିବାରୁ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ସିପାଇପୁଟ ଗ୍ରାମରେ ଦୋରା ସମ୍ପ୍ରଦାୟ ଏକତ୍ରିତ ହୋଇ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରି କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

ଉକ୍ତ ସମ୍ପ୍ରଦାୟର ଜିଲା ସଭାପତି ବୈଦ୍ୟନାଥ ଗେମେଲ ଏବଂ ଆବାହକ ତାଡଡୁ ଦୋରାଙ୍କ ଆହ୍ୱାନରେ ଜିଲାରେ ବସବାସ କରୁଥିବା ଦୋରା ସମ୍ପ୍ରଦାୟର ପ୍ରାୟ ୧୦ ହଜାର ପରିବାର ଏକତ୍ରିତ ହୋଇ ଭାଜପାର ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ, ଜିଲା ସଭାପତି ସୁମନ୍ତ ପ୍ରଧାନ, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳିରାମ ମାଝୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ ଉପସ୍ଥିତ ଦୋରା ପରିବାର ବର୍ଗଙ୍କୁ ଏଣିକି ଦୋରା ସମ୍ପ୍ରଦାୟ ଲୋକେ ତହସିଲ କାର୍ଯ୍ୟାଳୟରୁ ଆଦିବାସୀ ପ୍ରମାଣପତ୍ର ଆବେଦନ କରି ପାଇପାରିବେ ବୋଲି କହିଥିଲେ। ଏଥିରୁ ସେମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେମାନଙ୍କ ଦାବି ସରକାରଙ୍କ ନିକଟରେ ପହଞ୍ଚାଇଥିବା ଗଣମାଧ୍ୟମକୁ ସେମାନେ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଦୋରା ସମାଜର ସମ୍ପାଦକ ଶଙ୍କର ପାଙ୍ଗି, ଟି.ଗୋପାଳ ରାଓ, ଚିକୁଡୁ ହରି, ତ୍ରିନାଥ ଗେମେଲ, ଆପାନା ଖରା, ଚୈତନ୍ୟ ନନ୍ଦିବାଲି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମାଟ୍ରିକ ପରୀକ୍ଷା ପରେ ବିଦ୍ୟାଳୟର ବିଦାୟୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଦାମନଯୋଡି, ୪ା୩ (ମାନସ ରଞ୍ଜନ କର)

ରାଜ୍ୟରେ ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ପରୀକ୍ଷା ଶେଷ ପରେ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବିଦ୍ୟାଳୟର ଆବାସିକ ଓ ଡେ-ସ୍କଲାର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ, ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସେଠୀ, ନାଲକୋ ସୁରକ୍ଷା ଓ ପରିବେଶ ବିଭାଗର ଏଜିଏମ ଡ. ପ୍ରଦୀପ ପାଇଯୋଶୀ, ବରିଷ୍ଠ ପ୍ରବନ୍ଧକ ସଞ୍ଜୀବ କୁମାର କର, ନାଟ୍ୟକାର ଅଶୋକ କର, ଓଷ୍ଟାର କୋରାପୁଟ ଜିଲା ସମ୍ପାଦକ ଅଶୋକ ପଟ୍ଟନାୟକ, ଦାମନଯୋଡି ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରମିଳା ବିଡିକା, ନାଲ୍‌କୋର ପୂର୍ବତନ ପ୍ରସାଶନିକ ଅଧିକାରୀ ରମେଶ ଚନ୍ଦ୍ର ଦାଶ, ମାଳିପୁଟ ହାଇସ୍କୁଲର ବରିଷ୍ଠ ଶିକ୍ଷକ ସହଦେବ ଦାଶ ଓ ଅରୁଣ ସୁତାର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ବିଗତ ତିନି ବର୍ଷ ଧରି ଏହି ବିଦ୍ୟାଳୟରେ ରହି ପାଠପଢ଼ା, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସ୍ନେହ ଶ୍ରଦ୍ଧା ଓ ଅନୁଭୂତି ଉପରେ ଛାତ୍ରୀମାନେ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଡ. ଅଶୋକ ମହାନ୍ତି ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀକା ପରିଡା, ସୁପ୍ରଭା ପାଢୀ, ରଶ୍ମିତା ପଣ୍ଡା,ସଙ୍ଗୀତା ପାଢୀ, ଶିକ୍ଷକ କୃଷ୍ଣମୋହନ ପଟ୍ଟନାୟକ, ଧନେଶ୍ୱର ମହାପାତ୍ର ଏବଂ ବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୧୯୯୭ରୁ ପ୍ରତିଷ୍ଠିତ ଏହି ଉଚ୍ଚ ବିଦ୍ୟାଳୟରେ ଅଞ୍ଚଳର ଆଦିବାସୀ ଝିଅମାନଙ୍କୁ ଶିକ୍ଷାଦାନ କରାଯାଉଛି। ସ୍ଥାନୀୟ ବିଧାୟକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ପୂର୍ବତନ ବିଧାୟକ ସମ୍ପାଦକ ରହିଛନ୍ତି। ମାତ୍ର ୨୭ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିନା ଦରମାରେ ଶିକ୍ଷାଦାନ କରି ଆସୁଛନ୍ତି।



ଛାତ୍ରୀଙ୍କ ପାଇଁ ଆୟୋଜିତ ସଭା।

# ୪ ଡକାୟତି ଘଟଣାର ଟେର ପାଉନି ପୋଲିସ

ନବରଙ୍ଗପୁର, ୪ା୩(ସଦାଶିବ ପ୍ରହରାଜ)

- ନିୟମିତ ବ୍ୟବଧାନରେ ଚୋରିକୁ ନେଇ ଭୟରେ ଗ୍ରାମାଞ୍ଚଳ ବ୍ୟବସାୟୀ
- ଚୋରି ପରେ ବଢ଼ିଛି ନାଇଟ ପାଟ୍ରୋଲିଂ, ଗାଡ଼ି ଯାଞ୍ଚ

ନବରଙ୍ଗପୁର ଝରିଗାଁ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢୁଛି। ପୋଲିସ କିନ୍ତୁ ଦୁର୍ବୃତ୍ତମାନଙ୍କୁ ଧରିବାରେ ବିଫଳ। ତେଣୁ ସେମାନେ ନିର୍ଭୟରେ ବୁଲିବା ସହ ଗୋଟିଏ ପରେ ଗୋଟିଏ କାଣ୍ଡ କରି ଚାଲିଛନ୍ତି। ଫଳରେ ଅଞ୍ଚଳରେ ଛୋଟ ବଡ଼ ବ୍ୟବସାୟୀ ଭୟରେ ରହୁଛନ୍ତି। ନବରଙ୍ଗପୁର ଥାନା ପରିସରରେ ତିନୋଟି ଗ୍ରାମରେ ୪ଘରୁ ବଡ଼ ଧରଣର ଡକାୟତି ହୋଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ତଥା ଜିଲା ପୋଲିସ ଦୁର୍ବୃତ୍ତଙ୍କ ଟେର ପାଇବାରେ ସଫଳ ହୋଇନାହିଁ। ଡକାୟତି ପରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଝରିଗାଁ ଅଞ୍ଚଳରେ ନାଇଟ ପାଟ୍ରୋଲିଂ ଓ ଗାଡ଼ିମୋଟର ଯାଞ୍ଚ ଉପରେ ପୋଲିସ ଅଧିକ ଗୁରୁତ୍ୱ ଦେଇଛି। ଚୋରି ଘଟଣା ପରେ ପୋଲିସ ପକ୍ଷରୁ କୌଣସି ସନ୍ତୋଷଜନକ ତଦନ୍ତ ହେଉନଥିବାରୁ ବ୍ୟବସାୟୀମାନେ ଭୟରେ ରହିଛନ୍ତି।

ଝରିଗାଁ ଥାନା କୁତ୍ରିଛାପର ପଞ୍ଚାୟତ ମାଣ୍ଡିଆଡୁସି ଗ୍ରାମରେ ଡିସେମ୍ବର ୩୦ରେ ସୋମନାଥ ଜାନୀଙ୍କ ଘରେ ଦୁର୍ବୃତ୍ତମାନେ ଖଣ୍ଡା ଲଗାଇ ଲକ୍ଷାଧିକ ଟଙ୍କା ଓ ସୁନଗହଣା ଲୁଟ୍ କରିଥିଲେ। ଏନେଇ ଝରିଗାଁ ଥାନା କେସ ନଂ ୨୭୮/ ୨୩ରେ ମାମଲା ରୁଜୁ କରାଯାଇଛି। ସେହିପରି ଝରିଗାଁ ଥାନା କେସ ନଂ ୨୯/୨୪ ଅନୁଯାୟୀ ଚଳିତ ବର୍ଷ ଜାନୁୟାରୀ ୨୬ ରାତିରେ ଚକଲାପଦର ପଞ୍ଚାୟତ ପୋଡ଼ପାଣିରେ ଅଭି ସାନ୍ତା ଏବଂ ସୋମନାଥ ବିଷୋୟୀଙ୍କ ଘରେ ମୁଖାପିନ୍ଧା ଦୁର୍ବୃତ୍ତମାନେ ହାତରେ ପିସ୍ତଲ ଏବଂ ଖଣ୍ଡା ଦେଖାଇ ଲୁଟ୍ କରିଥିଲେ। ଝରିଗାଁ ବ୍ଲକ ଭାଲୁକୋନାଡି ପଞ୍ଚାୟତ ସଦରରେ ଜାନୁଆରୀ ୧୨ତାରିଖ ମଧ୍ୟ ରାତିରେ ମରଣାସ୍ତ୍ର ଦେଖାଇ ନଗଦ ପ୍ରାୟ ୧୪ ଲକ୍ଷ ଟଙ୍କା, ୧୨ରୁ ୧୫ଲକ୍ଷ ଟଙ୍କାର ସୁନା ଗହଣା ଲୁଟ ହୋଇଥିବା ଝରିଗାଁ ଥାନାରେ କେସ ନମ୍ବର ୩୯/୨୦୨୪ରେ ମାମଲା ରୁଜୁ ହୋଇଛି। ଭାଲୁକୋନାଡି ଗ୍ରାମର ବ୍ୟବସାୟୀ ଅମୀୟ କୁମାର ଦାସଏକୁଟିଆ ଘରେ ରହିଥିବାବେଳେ ୮ଜଣ ମୁଖାଧାରୀ ଦୃର୍ବୃତ୍ତ ଘରେ ପଶିଥିଲେ। ସେମାନେ ବ୍ୟବସାୟୀ ଦାସଙ୍କ ୨ ହାତକୁ ପଛପଟୁ ଏକ ଗାମୁଛାରେ ବାନ୍ଧିଦେଇ ସମସ୍ତ ଟଙ୍କା, ଗହଣା ଏବଂ ରାଶନ ଦୋକାନର ଡ୍ର ମଧ୍ୟରୁ ଟଙ୍କା ନେଇଯାଇଥିଲେ। ଉକ୍ତ ପରିବାର ଲୋକ ସର୍ବହରା ହୋଇଯାଇଛନ୍ତି। ଏହିସବୁ ଘଟଣା ପରେ ଏବେ ଝରିଗାଁ ଅଞ୍ଚଳରେ ରହୁଥିବା ବ୍ୟବସାୟୀମାନେ ସୁରକ୍ଷିତ ମଣୁନାହାନ୍ତି।

# ଓଡ଼ିଶା ଅଣଗେଜେଟେଡ଼ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ

ଜୟପୁର, ୪ା୩(ପବନ ପାଣିଗ୍ରାହୀ)

ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖାର ଏକ ସମ୍ମିଳନୀ ଜୟପୁର ଭଗବତୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ରାଜ୍ୟ ଉପସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନରେ କୋରାପୁଟ ଜିଲାରେ କାର୍ଯ୍ୟରତ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ କର୍ମଚାରୀମାନେ ଭଗବତୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଦାଶ ଅଧକ୍ଷତା କରିଥିଲେ। ସମନ୍ୱୟ ସମିତିର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ତ୍ରିପାଠୀ ନାରାୟଣ ଦାଶ, ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ, ରାଜ୍ୟ ଉପସଭାପତି ଅଶୋକ ପଣ୍ଡା, ରାଜ୍ୟ ଉପସଭାପତି ଶ୍ୟାମସୁନ୍ଦର ନାୟକ, ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ସେଠୀ, ଉପଦେଷ୍ଟା କୀର୍ତ୍ତି ରଞ୍ଜନ ନାୟକ, ଯୁଗ୍ମ ସମ୍ପାଦକ ଶିବ ପ୍ରସାଦ ପାଣିଗ୍ରାହୀ, ଗୌତମ ସେଠୀ, ଅତିରିକ୍ତ ସାଧାରଣ ସମ୍ପାଦକ ରାଜ୍ୟ ଅଣଗେଜେଟେଡ ନରେନ୍ଦ୍ର ନାଥ ତ୍ରିପାଠୀ, ସୁନାକର ରାଉତ, କମଳାକାନ୍ତ ରଥ, ରୁପ କେଶରୀ ଦଳେଇ ପୂର୍ବତନ ଉପସଭାପତି, ସଭାପତି ଓ ଯୁଗ୍ମ ସମ୍ପାଦକମାନେ ଉପସ୍ଥିତ ଥିଲେ। ଅତିଶୀଘ୍ର ସରକାର କର୍ମଚାରୀମାନଙ୍କ ସମୂହ ଦାବି ପୂରଣ କରିବେ ବୋଲି କର୍ମକର୍ତ୍ତାମାନେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସମିତିର ନିର୍ବାଚନ କମିଟି ଗଠନ କରାଯାଇଥିଲା।, କମିଟି ଅଧକ୍ଷ ରୂପେ ଶ୍ୟାମସୁନ୍ଦର ନାୟକ ରହିଥିଲେ। କମିଟିକୁ କୋରାପୁଟ ଜିଲାରୁ ୩୫ ଜଣଙ୍କ ନାମ ଘୋଷଣା କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ଶପଥପାଠ ପରେ ସଭା ଶେଷ ହୋଇଥିଲା।

# ଲାଇଫ ଲାଇନ ସମବାୟ ସମିତି ଜମାକାରୀ ଉପନିବନ୍ଧକଙ୍କ ଦ୍ୱାରସ୍ଥ

ଜୟପୁର, ୪ା୩ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ଥିବା ଲାଇଫ ଲାଇନ ସମବାୟ ସମିତିରେ ଟଙ୍କା ଜମା କରିଥିବା ଜମାକାରୀମାନେ ସୋମବାର ସମବାୟ ବିଭାଗ ଉପ ନିବନ୍ଧକଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଜମାକାରୀମାନେ ଛୋଟ ଛୋଟ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଉକ୍ତ ସମବାୟ ସମିତିରେ ପ୍ରତ୍ୟେହ ଶହେ, ୨ ଶହ ଲେଖାଏ ଟଙ୍କା ଜମା କରୁଥିଲେ। ଟଙ୍କା ଜମା କରି ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନଙ୍କୁ ଟଙ୍କା ମିଳୁନାହିଁ। ଏନେଇ ଗତ ଜାନୁୟାରୀ ୩୦ରେ ଜମାକାରୀମାନେ ଜୟପୁର ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଦାବିପତ୍ର ଗ୍ରହଣ କରି ଉପ ଜିଲାପାଳ ୫ଦିନ ମଧ୍ୟରେ ତଦନ୍ତ କରି ଜୟପୁର ସମବାୟ ନିବନ୍ଧକଙ୍କୁ ଚିଠି କରି ଜମାକାରୀ ଯେପରି ଟଙ୍କା ଫେରିପାଇବେ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜୟପୁର ଡିଆରସିଏସ କାର୍ଯ୍ୟାଳୟ ଏହାର ତୁରନ୍ତ ସମାଧାନ କରିବା ପରିବର୍ତ୍ତେ ବିଳମ୍ବ କରୁଛି ବୋଲି ଜମାକାରୀ ଅଭିଯୋଗ କରିଛନ୍ତ। ଜମାକାରୀଙ୍କ ୬୫ ଲକ୍ଷ ଟଙ୍କା ବାକି ପଡିଥିବା ବେଳେ ଲାଇଫ ଲାଇନ ସମବାୟ ସମିତି ଏହା ଦେଉ ନ ଥିବାରୁ ଜମାକାରୀ ହତାଶ ହୋଇ ପଡିଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିବା ପରେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ସେମାନଙ୍କ ଜମାଟଙ୍କା ଶୀଘ୍ର ଫେରି ନ ପାଇଲେ ସେମାନେ ସୂର୍ଯ୍ୟନାରାୟଣ ସାହୁ, ଏ. ମହେଶଙ୍କ ସମେତ ଅନ୍ୟ ଜମାକାରୀମାନେ ଚେତାବନୀ ଦେଇଛନ୍ତି।

# ଟିପିଏସଓଡିଏଲ ପକ୍ଷରୁ ଜାତୀୟ ସୁରକ୍ଷା ଦିବସ, ଲାଇନମ୍ୟାନ ଡେ ପାଳିତ




ଟିପିଏସଓଡିଏଲର କାର୍ଯ୍ୟକ୍ରମରେ ଅଧିକାରୀମାନେ।

ଜୟପୁର, ୪ା୩(ପବନ ପାଣିଗ୍ରାହୀ)

ଟିପିଏସଓଡିଏଲ ଆନୁକୁଲ୍ୟରେ ୫୩ତମ ଜାତୀୟ ସୁରକ୍ଷା ଦିବସ ଓ ଲାଇନମ୍ୟାନ ଡେ ଜୟନଗରସ୍ଥିତ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଟିପିଏସଓଡିଏଲ ଜୟପୁର ସର୍କଲର ଉପ ସାଧାରଣ ପରିଚାଳକ (ବିଦ୍ୟୁତ) ମନ୍ମଥନାଥ ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। 'ଆମର ଲକ୍ଷ୍ୟ - ଶୂନ୍ୟ କ୍ଷତି' ବୋଲି ସେ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷର ସୁରକ୍ଷା ବାର୍ତ୍ତା 'ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନ ଦେଇ ଇଏସଜି ଉତ୍କୃଷ୍ଟତା ପାଇଁ ଚେଷ୍ଟା କରିବା' ବୋଲି ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା କହିଥିଲେ। ଡିଏସ୍ ହେଡ ଦୀପକ ସିଂ, ନିର୍ବାହୀଯନ୍ତ୍ରୀ ବରୁଣ ଚୌଧୁରୀ ଓ ହୃଦୟ ବଲ୍ଲଭ ପ୍ରଧାନ ବିଭିନ୍ନ ସୁରକ୍ଷା ସଚେତନତାର ବାର୍ତ୍ତା ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଆରଏଫ ସଭାପତି ତପନ ରଶ୍ମି ସୁବୁଦ୍ଧି ଉପସ୍ଥିତ ଥିଲେ। ଏହି ଅବସରରେ ଲାଇନମ୍ୟାନମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଲାଇନମ୍ୟାନଙ୍କୁ ମୋଟର ଯାନ ସୁରକ୍ଷା ହେଲମେଣ୍ଟ ପ୍ରଦାନ କରାଯାଇଥିଲା। ଆଲୋକ ନାୟକ, ସୌମ୍ୟ ରଞ୍ଜନ ଲେଙ୍କା, ସୁଜିତ୍ ସ୍ୱାଇଁ ଓ ଜ୍ଞାନ ରଞ୍ଜନ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପସ୍ଥିତ ଅନ୍ୟ ଅଧିକାରୀ ମାନେ ହେଲେ ବିଶଜିତ ମେଣ୍ଡୁଲି, ସନ୍ତୋଷ ମହାନ୍ତି, ପରିମଳ ପଲ, ରାଜେଶ ସାହୁ, ସନ୍ଦିପ ପଟ୍ଟନାୟକ, ଶୁସିଲ ନାୟକ, ସନ୍ତୋଷ ପୃଷ୍ଟି, ରାକେଶ ତ୍ରିପାଠୀ।

# ଜିଲାପାଳଙ୍କ ନିର୍ଦ୍ଦେଶରେ ଅଭିଯୋଗର ତଦନ୍ତ କଲେ ଜିଲା ଶିକ୍ଷା ଅଧିକାରୀ

ପଟ୍ଟାଙ୍ଗି, ୪ା୩(ଶରତ ଧଳ)–

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରି ନିଜ ଇଛାରେ ଛୁଟିରେ ଯିବା, ପରିଚାଳନା କମିଟିର ପରାମର୍ଶ ନ ମାନିବା ନେଇ ଅଭିଯୋଗ ହେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଜିଲାର ସୁଙ୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ।

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୨୫୯ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପଢାଉଛନ୍ତି। ସେମାନଙ୍କ ମଧ୍ୟରୁ ନଗେନ୍ଦ୍ର ନାୟକ ଏବଂ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଅଧିକାଂଶ ସମୟ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏପରି କିଛି ସମସ୍ୟା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଡ ପ୍ରସାଦଙ୍କ ଦୃଷ୍ଟିକୁ ଆସିବା ପରେ ସେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଉଭୟେ ଏହାକୁ ମାନି ନ ଥିଲେ। ପୂର୍ବପରି ଉଭୟ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ଇଛାରେ ବିଦ୍ୟାଳୟକୁ ଆସୁଥିଲେ। ଏନେଇ ସଭାପତି ବଡପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀ ଟି.ମିନତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ସଭାପତିଙ୍କ ବିନା ଦସ୍ତଖତରେ ଏହି ଦୁଇ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ଦରମା କରାଇ ନେଉଥିଲେ। ଏସମ୍ପର୍କରେ ସଭାପତି ବଡପ୍ରସାଦ ଜିଲା ପ୍ରଶାସନକୁ ଜଣାଇଥିଲେ। ଜିଲାପାଳ ଭି. କୀର୍ତ୍ତିଭାସନ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ବିଳମ୍ବରେ ପହଞ୍ଚିବାରୁ ଜିଲା ଶିକ୍ଷା ଅଧିକାରୀ ତାଙ୍କୁ ବାହାରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବ୍ଲକ ଶିକ୍ଷା ଅଧିକାରୀ ମିନତିଙ୍କୁ ସଭାପତିଙ୍କ ବିନା ଦସ୍ତଖତରେ କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# କୋରାପୁଟ ବ୍ଲକରେ ୟୁଥ, ଇକୋ କ୍ଲବର ବାର୍ଷିକ ଉତ୍ସବ

କୋରାପୁଟ, ୪ା୩(ଅମିତାଭ ବେହେରା)

କୋରାପୁଟ ବ୍ଲକ ଅନ୍ତର୍ଗତ ସଲମନଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁଥ ଏବଂ ଇକୋ- କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୟୁଥ କ୍ଲବର ନାମ ମାଉଣ୍ଟେନ ଫୋକ ୟୁଥ କ୍ଲବ ଏବଂ ଇକୋ କ୍ଲବର ନାମ 'ସୁନ୍ଦରଲାଲ ବହୁଗୁଣା ଇକୋ- କ୍ଲବ' ରଖାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ଗଛ ନକାଟିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଉତ୍ସବରେ କୋରାପୁଟର ରେଞ୍ଜର ଏସକେ ପାହାଡ଼ସିଂହ ମୁଖ୍ୟବକ୍ତା ଓ ଫରେଷ୍ଟର ଗୌତମ ବେନିଆ ମୁଖ୍ୟ ଅତିଥି ଏବଂ ଅଙ୍ଗନୱାଡି କର୍ମୀ ଡଲି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ମନୋଜ ସିହ୍ନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଅଜୟ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସହରର ପୂଜାରିପୁଟ, ଏସ୍‌ଇ ରେଲୱେ, ଏକ୍ସବୋର୍ଡ, ବଡଚିନ୍ଦ୍ରି, ମାଳିସାହି ବିଦ୍ୟାଳୟରେ ମଧ୍ୟ ଜାତୀୟ ନିରାପତ୍ତା ଦିବସ ଅବସରରେ ତାଳ ବୃକ୍ଷ ରୋପଣ କରାଯାଇଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର କହିଛନ୍ତି।




ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ମୁଖ୍ୟ ସମସ୍ୟା

ବାଲିମେଲା, ୪ା୩(ଶିବଦତ୍ତ ସାହୁ)

- ନୂଆଗୁଡା ଗାଁ
- ସୌରଚାଳିତ ଜଳ ପ୍ରକଳ୍ପ ଅଚଳ
- ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ନୂଆଗୁଡା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ରାସ୍ତାଘାଟ ଠିକ୍ ନ ଥିବାରୁ ଗମନାଗମନରେ ଅସୁବିଧା ଭୋଗୁଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଛି। ଗ୍ରାମରେ ଥିବା ସୌରଚାଳିତ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଫଳରେ ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି। ବିକାଶର ଆଢୁଆଳରେ ରହିଯାଇଛନ୍ତି ସେମାନେ।

ସୂଚନାଯୋଗ୍ୟ, ନାକାମାମୁଡି ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୨ କି.ମି.ଦୂରରେ ନୂଆଗୁଡା ଗ୍ରାମ ଅବସ୍ଥିତ। ୬ମାସରୁ ଊର୍ଦ୍ଧ୍ୱ ହେବ ଗ୍ରାମରେ ଅଚଳ ହୋଇପଡିଛି ସୌରଚାଳିତ ପାନୀୟଜଳ ପ୍ରକଳ୍ପ। ଫଳରେ ପାଣି ପାଇଁ ଗ୍ରାମବାସୀ ଦାହଳ ବିକଳ ହେଉଛନ୍ତି। ଏହି ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘବର୍ଷ ଧରି ରହି ଆସୁଛନ୍ତି। ୪ବର୍ଷ ପୂର୍ବେ ଏକ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମର ବିଭିନ୍ନ ସାହିକୁ ୪ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। ଉକ୍ତ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାର କିଛିମାସ ପରେ ଅଚଳ ହୋଇଯାଇଥିଲା। ମରାମତି ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ଗାଁ ଲୋକେ ଅଭିଯୋଗ କରିବା ପରେ କେହି ନ ଶୁଣିବାରୁ ଗ୍ରାମବାସୀ ନିଜେ ଟଙ୍କା ଆଦାୟ କରି ମିସ୍ତ୍ରି ଡକାଇ ମରାମତି କରାଇଥିବା କହିଛନ୍ତି।

ଗାଁରେ ବିଛାଯାଇଥିବା ପାଇପଗୁଡ଼ିକ ଫାଟି ଯାଇଥିବା ଗ୍ରାମବାସୀ କହିଛନ୍ତି। ପ୍ରାୟ ୬ମାସରୁ ଊର୍ଦ୍ଧ୍ୱ ହେବ ଏହି ପ୍ରକଳ୍ପଟି ଅଚଳ ହୋଇ ପଡିରହିଛି। ବହୁବର୍ଷ ପୂର୍ବରୁ ଗ୍ରାମରେ ଥିବା କୂଅ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗାଁରେ ଥିବା ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇ ପଡିଛି। ଅନ୍ୟ ଏକମାତ୍ର ନଳକୂପ ପାଣି ଉପରେ ନିର୍ଭରକରି ଚଳୁଛନ୍ତି। ଉକ୍ତ ନଳକୂପରୁ ଲୋକଙ୍କ ଆବଶ୍ୟକ ଅନୁସାରେ ପାଣି ବାହାରୁ ନ ଥିବାରୁ ଲୋକେ ଦର୍ଦ୍ଦଶା ଭୋଗୁଛନ୍ତି। ଶିଶୁ ମାନଙ୍କୁ ପଢାଇବା ପାଇଁ ଅଙ୍ଗନୱାଡି କେନ୍ଦ୍ର ଗୃହ ନାହିଁ। ଏହି ଗ୍ରାମର ୫ଜଣ ଶିଶୁ ଗାଁଠାରୁ ପ୍ରାୟ ଦେଢ଼ କି.ମି.ଦୂର ବନ୍ଧାମାମୁ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇଛନ୍ତି। ଗାଁରେ ୧୯୮୮ରେ ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ପ୍ରାୟ ୩ବର୍ଷ ପୂର୍ବେ ପିଲା ସଂଖ୍ୟା ୧୦ରୁ କମ ହେବାରୁ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ଗାଁର ୮ ଛାତ୍ରୀଛାତ୍ର ଗାଁଠାରୁ ନାକାମାମୁଡି ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି। ଏହି ଗ୍ରାମକୁ ସଂଯୋଗ କରୁଥିବା ଦୁଇଟି ରାସ୍ତାରେ ଖାଲ ଖମା ରହିଛି, ତାର ନିର୍ମାଣ କିମ୍ବା ମରାମତି କରାଯାଉନି।



ଅଚଳ ହୋଇପଡିଥିବା ସୌରଚାଳିତ ପ୍ରକଳ୍ପ।

ସମସ୍ୟା ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ, ବ୍ଲକ ପ୍ରଶାସନ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ବହୁବାର ଅଭିଯୋଗ କରିବା ପରେ ବି କେହି କର୍ଣ୍ଣପାତ କରୁନଥିବା ଗ୍ରାମ ମୁଖିଆ ଆଦୁ ମେଟା, କୃପାସିନ୍ଧୁ ମାଝି, ହର ଖରା, ଗୁରୁ ଖେମୁଡୁ, ବିଶ୍ୱନାଥ ଖରା, ମଙ୍ଗୁ ଖରା ଓ ବୁଦୁ ଖରା ପ୍ରମୁଖ ଅଭିଯୋଗ କରିଛନ୍ତି।

ଏନେଇ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଆସନ୍ତା ସପ୍ତାହ ମଧ୍ୟରେ ପ୍ରକଳ୍ପର ମରାମତି କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି। ନାକାମାମୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ତୁରନ୍ତ ପଞ୍ଚାୟତ ପକ୍ଷରୁ ଅଚଳ ନଳକୂପ ମରାମତି କରାଯିବ। ବିଜୁ ସେତୁ ଯୋଜନାରେ ନୂତନ ପୋଲ ଓ ରାସ୍ତା ନିର୍ମାଣ ନିମନ୍ତେ କାମ ଆରମ୍ଭ ହେଲାଣି ବୋଲି କହିଥିଲେ।

